

# ଈଶ୍ୱରୁ ସାହାଯ୍ୟ

ଈଶ୍ବରଙ୍କ ବାକ୍ୟ "ଉର୍ଦ୍ଧ୍ବରୁ" ଆସେ, ଓ ଧାର୍ମିକତା ପାଇଁ କ୍ଷୁଧିତ ଓ ତୃଷିତ ହୃଦୟ ପାଇଁ ଅତି ଉପକାରୀ । ଯେତେବେଳେ ଜଣେ ମନ ଫେରାଏ, ପାପକୁ ପରିତ୍ୟାଗ କରି ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟଙ୍କଠାରେ ସମସ୍ତ ହୃଦୟର ସହିତ ବିଶ୍ବାସ କରେ, ସେତେବେଳେ ପ୍ରଭୁ ନିଜକୁ ତାଠାରେ ପ୍ରକାଶ କରନ୍ତି ଓ ତାଙ୍କ ନିଜର ଆନନ୍ଦ ଓ ଶାନ୍ତି ସେହି ବିଶ୍ବାସୀର ହୃଦୟରେ ଭରି ଦିଅନ୍ତି । ମୁଁ ଏହି ଅନୁଭୂତି ୧୯୩୭ ମସିହାରେ ପାଇଲି ଏବଂ ସେହିଦିନଠାରୁ ଏ ପର୍ଯ୍ୟନ୍ତ ପ୍ରଭୁଙ୍କ ଏହି ଆଶ୍ଚର୍ଯ୍ୟ ସହଭାଗିତାରୁ କେବେହେଁ ବିଚ୍ଛିନ୍ନ ହୋଇନାହିଁ । ଯଦି ଏ ପର୍ଯ୍ୟନ୍ତ ଆପଣ ପ୍ରଭୁଙ୍କ ନିକଟରେ ଆତ୍ମ ସମର୍ପଣ କରି ନ ଥାନ୍ତି, ତେବେ ବର୍ତ୍ତମାନ ତାଙ୍କଠାରେ ନିଜକୁ ସମର୍ପଣ କରିବାପାଇଁ ଆପଣଙ୍କୁ ମୋର ଏକାନ୍ତ ଅନୁରୋଧ ।

# ଈଶ୍ୱରଙ୍କ ପ୍ରେମ 

ରୋମୀୟ ୫ : ୮

କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।

ମୃତମାନଙ୍କମଧ୍ୟରୁ ପ୍ରଥମଜାତ ଓ ପୃଥିବୀର ରାଜାମାନଙ୍କର ରାଜା ଯୀଶୁ ଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ ଯେ ଆମ୍ଭମାନଙ୍କୁ ପ୍ରେମ କରି ଆପଣା ରକ୍ତଦ୍ୱାରା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରିଅଛନ୍ତି । ପ୍ରକାଶିତ ବାକ୍ୟ ୧ : ୫

କାରଣ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନକଲେ, ଯେପରି ଯେ କେହି ତାଙ୍କଠାରେ ବିଶ୍ୱାସ କରେ ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତହୁଏ । ଯୋହନ ୩ : ୧୬

# ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରତ୍ୱ

ମାଥିଉ ୧ : ୨୨, ୨୩

ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ଉକ୍ତ ଏହିବାକ୍ୟ ଯେପରି ସଫଳ ହୁଏ, ଏଥିନିମନ୍ତେ ଏସମସ୍ତ ଘଟିଲା, ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ ଦେବେ, ଏହି ନାମର ଅର୍ଥ 'ଆମ୍ଭମାନଙ୍କ ସହିତ ଈଶ୍ୱର' ।

ଈଶ୍ୱର ପରାୟଣତାର ନିଗୂଢ ତତ୍ତ୍ୱ ଯେ, ମହତ୍, ଏହା ସମସ୍ତେ ସ୍ୱୀକାର କରନ୍ତି । ତାହା ଏହି, ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଆତ୍ମାରେ ଧାର୍ମିକ ବୋଲି ପ୍ରମାଣିତ ହେଲେ, ଦୂତମାନଙ୍କ ଦ୍ୱାରା ଦେଖାଗଲେ ଜାତିମାନଙ୍କ ମଧ୍ୟରେ ପ୍ରଚାରିତ ହେଲେ, ଜଗତରେ 'ବିଶ୍ୱାସ' ପାତ୍ର ହେଲେ ଗୌରବରେ ଗୃହୀତ ହେଲେ । ୧ ତୀମଥି ୩ : ୧୬

କଲସୀୟ ୨ : ୯

କାରଣ ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ବରତ୍ବ ଦେହବନ୍ତ ହୋଇ ବାସ କରେ ।

ଯିଶାଇୟ ୯ : ୬

କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମି ଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ରଦତ୍ତ ହୋଇ ଅଛନ୍ତି, ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ବ ଭାର ଥୁଆଯିବ ; ପୁଣି ତାହାଙ୍କ ନାମ ଆଶ୍ଚର୍ଯ୍ୟ ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ବର, ଅନନ୍ତକାଳୀନ ପିତା ଶାନ୍ତି ରାଜ ହେବେ ।

୧ ଯୋହନ ୪ : ୧୫

ଯେ କେହି ଯୀଶୁଙ୍କୁ ଈଶ୍ବରଙ୍କ ପୁତ୍ର ବୋଲି ସ୍ବୀକାର କରେ, ଈଶ୍ବର ତାହାଠାରେ ଅଛନ୍ତି ଓ ସେ ଈଶ୍ବରଙ୍କଠାରେ ଅଛି ।

# ଯୀଶୁ ଆମ୍ଭମାନଙ୍କୁ ତାଙ୍କ ପରିଚୟ ଦିଅନ୍ତି

ଯୋହନ ୮ : ୫୮

ଯୀଶୁ ସେମାନଙ୍କୁ କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି । ଅବ୍ରାହାମଙ୍କ ଜନ୍ମପୂର୍ବରୁ ମୁଁ ଅଛି ।

ଯୋହନ ୧୧ : ୨୫

ଯୀଶୁ ତାହାଙ୍କୁ କହିଲେ, ମୁଁ ପୁନରୁତ୍ଥାନ ଓ ଜୀବନ, ଯେ ମୋଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ବଞ୍ଚିବ ।

ଯୋହନ ୬ : ୩୫

ଏଥିରେ ଯୀଶୁ ସେମାନଙ୍କୁ କହିଲେ, ମୁଁ ସେହି ଜୀବନଦାୟକ ଆହାର; ଯେ ମୋ ନିକଟକୁ ଆସେ, ସେ କଦାପି କ୍ଷୁଧିତ ହେବ ନାହିଁ ।

ଆଉ ଦେଖ, ପଥପାର୍ଶ୍ୱରେ ଦୁଇଜଣ ଅନ୍ଧ ଯୀଶୁ ସେହିପଥ ଦେଇ ଯାଉଅଛନ୍ତି ବୋଲି ଶୁଣି ଉଚ୍ଚସ୍ୱର କରି କହିଲେ ହେ ପ୍ରଭୁ, ଦାଉଦଙ୍କ ସନ୍ତାନ ଆମ୍ଭମାନଙ୍କୁ ଦୟାକରନ୍ତୁ ।... ଆଉ ଯୀଶୁ ଦୟାରେ ବଗଳିତ ହୋଇ ସେମାନଙ୍କ ଚକ୍ଷୁ ସ୍ପର୍ଶ କଲେ ଓ ତତ୍‌କ୍ଷଣାତ୍ ସେମାନେ ଦୃଷ୍ଟିପାଇ ତାହାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ । ମାଥିଉ ୨୦ : ୩୦ ଏବଂ ୩୪

ମାଥିଉ ୧୪ : ୧୯-୨୧

ପୁଣି ସେ ଲୋକ ସମୂହକୁ ଘାସ ଉପରେ ବସିବା ପାଇଁ ଆଜ୍ଞା ଦେଲେ, ଆଉ ସେ ସେହି ପାଞ୍ଚୋଟି ରୋଟୀ ଓ ଦୁଇଟି ମାଛ ଘେନ ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କରି ଆଶୀର୍ବାଦ କଲେ ଏବଂ ରୋଟି ଗୁଡ଼ିକ ଭାଙ୍ଗି ଶିଷ୍ୟମାନଙ୍କୁ ଦେଲେ

ଆଉ ଶିଷ୍ୟମାନେ ଲୋକସମୂହଙ୍କୁ ଦେଲେ। ପୁଣି ସମସ୍ତେ ଭୋଜନ କରି ତୃପ୍ତ ହେଲେ ଓ ଭଙ୍ଗା ରୋଟୀରୁ ଯାହା ବଳିଲା, ତାହା ସେମାନେ ଉଠାଇ ବାର ଟୋକେଇ ଭର୍ତ୍ତିକଲେ । ଭୋଜନ କରିବା ଲୋକେ, ସ୍ତ୍ରୀ ଓ ପିଲାମାନଙ୍କ ଛଡ଼ା, ପ୍ରାୟ ପାଞ୍ଚ ହଜାର ପୁରୁଷ ଥିଲେ ।

## ୭ ଯୀଶୁଖ୍ରୀଷ୍ଟ ସୃଷ୍ଟିକର୍ତ୍ତା ଓ ପ୍ରଭୁ ଅଟନ୍ତି

ଯୋହନ ୧ : ୩

ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା ; ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇ ନାହିଁ ।

ଅତଏବ ସମସ୍ତ ଇସ୍ରାଏଲ-କୂଳ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି । ପ୍ରେରିତ ୨ : ୩୬

ରୋମୀୟ ୨ : ୧୬

ଯେଉଁଦିନରେ ଈଶ୍ୱର ମୋହର ସୁସମାଚାର ଅନୁସାରେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟ ମାନଙ୍କ ଗୁପ୍ତ ବିଷୟ ଗୁଡ଼ିକ ବିଚାର କରିବେ, ସେହିଦିନ ଏହା ପ୍ରକାଶ ପାଇବ ।

ରୋମୀୟ ୧୪ : ୧୦

କିନ୍ତୁ ତୁମ୍ଭେ କାହିଁକି ଆପଣା ଭାଇର ବିଚାର କରୁଅଛ ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ସମ୍ମୁଖରେ ଠିଆ ହେବା ।

ପ୍ରେରିତ ୧୦ : ୪୨

ଆଉ ଲୋକମାନଙ୍କ ନିକଟରେ ପ୍ରଚାର କରିବାକୁ ପୁଣି ମୃତ ଓ ଜୀବିତ-ମାନଙ୍କର ବିଚାରକର୍ତ୍ତା ହେବା ନିମନ୍ତେ ଈଶ୍ୱର ତାହାଙ୍କୁ ନିଯୁକ୍ତ କରିଅଛନ୍ତି ବୋଲି ସାକ୍ଷ୍ୟ ଦେବାକୁ ସେ ଆମ୍ଭମାନଙ୍କୁ ଆଜ୍ଞା ଦେଲେ ।

# କେବଳ ଖ୍ରୀଷ୍ଟଙ୍କ ଦ୍ୱାରା ହିଁ ମୁକ୍ତି

## ଯୋହନ ୧୪ : ୬

ଯୀଶୁ ତାହାଙ୍କୁ କହିଲେ, ମୁଁ ପଥ, ସତ୍ୟ ଓ ଜୀବନ ; ମୋ ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏନାହିଁ ।

## ଏବ୍ରୀୟ ୫ : ୯

ପୂର୍ଣ୍ଣ ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।

## ପ୍ରେରିତ ୪ : ୧୨

ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ ; କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟ ମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।

କଲସୀୟ ୧ : ୧୨-୧୪

ପୁଣି ଯେଉଁ ପିତା ଦୀପ୍ତିରେ ସାଧୁମାନଙ୍କ ଅଧିକାରର ସହଭାଗୀ ହେବା ନିମନ୍ତେ ତୁମ୍ଭମାନଙ୍କୁ ଯୋଗ୍ୟ କରିଅଛନ୍ତି ତାହାଙ୍କୁ ଆନନ୍ଦ ସହିତ ଧନ୍ୟବାଦ ଦିଅ । ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମ ପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ; ତାହାଙ୍କ ଠାରେ ଆମ୍ଭେମାନେ ମୁକ୍ତି ଅର୍ଥାତ୍ ପାପକ୍ଷମା ପାଇଅଛୁ ।

ଏବ୍ରୀ ୭ : ୨୫

ଅତଏବ ଯେ ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବାପାଇଁ ସେ ନିତ୍ୟ ଜୀବିତ ।

## ୧ ଯୋହନ ୧ : ୭

କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।

## ଏବ୍ରୀ ୯ : ୧୪

ତେବେ ଯେଉଁ ଖ୍ରୀଷ୍ଟ ଚିରନ୍ତନ ଆତ୍ମାଙ୍କ ଦ୍ୱାରା ଆପଣାକୁ ନିଖୁନ୍ତ ବଳି ସ୍ୱରୂପେ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କଲେ, ତାହାଙ୍କ ରକ୍ତ କେତେ ଅଧିକ ପରିମାଣରେ ଜୀବିତ ଈଶ୍ୱରଙ୍କ ସେବା କରିବା ନିମନ୍ତେ ମୃତ କର୍ମରୁ ଆମ୍ଭମାନଙ୍କ ବିବେକକୁ ଶୁଚି ନ କରିବ ।

# ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ

ଯୋହନ ୬ : ୨୮, ୨୯

ସେଥିରେ ସେମାନେ ତାହାଙ୍କୁ ପଚାରିଲେ, ଈଶ୍ୱରଙ୍କ କାର୍ଯ୍ୟସବୁ କରିବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ତାହାଙ୍କ ଠାରେ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ ଅଟେ ।

କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ ; ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇନାହିଁ, ତାହା ଈଶ୍ୱରଙ୍କ ଦାନ, କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନକରେ । ଏଫିସୀୟ ୨ : ୮, ୯

ଯେଣୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁନ୍ନତ କି ଅସୁନ୍ନତ କିଛି ନୁହେ, କିନ୍ତୁ ପ୍ରେମରେ କାର୍ଯ୍ୟସାଧକ ବିଶ୍ୱାସ ହିଁ ସାର । ଗାଲାତୀୟ ୫ : ୬

# ଈଶ୍ବରଙ୍କ ଦୟା

ଗୀତ ସଂହିତା ୧୦୩ : ୧୭,୧୮

ମାତ୍ର ସଦାପ୍ରଭୁଙ୍କ ଦୟା ଅନାଦିକାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ଆପଣା ଭୟକାରୀ ମାନଙ୍କ ପ୍ରତି ଥାଏ...ସେମାନଙ୍କ ପ୍ରତି ତାହାଙ୍କର ଧର୍ମ ପୁତ୍ର-ପୌତ୍ରାଦିକ୍ରମେ ଥାଏ । ତୀତସ ୩ : ୫

ସେତେବେଳେ ସେ ଆମ୍ଭମାନଙ୍କ କୃତଧର୍ମକର୍ମ ସକାଶେ ନୁହେଁ, ମାତ୍ର ଆପଣାର ଦୟାନୁସାରେ ପୁନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ।

ଗୀତ ସଂହିତା ୧୦୩ : ୧୧

କାରଣ ପୃଥିବୀରୁ ଆକାଶ ମଣ୍ଡଳ ଯେମନ୍ତ ଉଚ୍ଚ, ତେମନ୍ତ ତାହାଙ୍କ ଭୟକାରୀମାନଙ୍କ ପ୍ରତି ତାହାଙ୍କ ଦୟା ମହତ୍ ।

ଯିଶାଇୟ ୧ : ୧୮

ସଦାପ୍ରଭୁ କହନ୍ତି ଆସ, ଆମ୍ଭେମାନେ ଉତ୍ତର ପ୍ରତ୍ୟୁତ୍ତର କରୁ ; ତୁମ୍ଭମାନଙ୍କର ପାପସବୁ ସିନ୍ଦୁର ବର୍ଣ୍ଣ ପରି ହେଲେହେଁ ହିମପରି ଶୁକ୍ଳବର୍ଣ୍ଣ ହେବ ; ସେସବୁ ଲୋହିତ ବର୍ଣ୍ଣ ପରି ରଙ୍ଗା ହେଲେହେଁ ମେଷ ଲୋମ ପରି ହେବ ।

ମାଥିଉ ୧୧ : ୨୮

ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବଶ୍ରାମ ଦେବ ।

ଆତ୍ମା ଓ କନ୍ୟା କହନ୍ତି, ଆସ । ପୁଣି ଯେ ଶୁଣେ, ସେ କହୁ, ଆସ ଯେ ତୃଷାର୍ତ୍ତ, ସେ ଆସୁ ; ଯେ ଇଚ୍ଛାକରେ, ସେ ବନା ମୂଲ୍ୟରେ ଜୀବନ ଦାୟକ ଜଳ ପାନକରୁ ।

ପ୍ରକାଶିତ ବାକ୍ୟ ୨୨ : ୧୭

ଯୋହନ ୧ : ୧୨

ମାତ୍ର ଯେତେଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ ।

ରୋମୀୟ ୮ : ୧୪, ୧୫

ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ, କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ ; ତଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକଥାଉଁ ।

ଯିଶାଇୟ ୫ : ୧୧

ଯେଉଁମାନେ ସୁରାପାନ କରିବାକୁ ଅତି ପ୍ରଭାତରେ ଉଠନ୍ତି ; ଦ୍ରାକ୍ଷା ରସରେ ଉତ୍ତପ୍ତ ହେବା ପର୍ଯ୍ୟନ୍ତ ରାତ୍ରିରେ ବିଳମ୍ବ କରନ୍ତି ସେମାନେ ସନ୍ତାପର ପାତ୍ର ।

ଗାଲାତୀୟ ୫ : ୧୯ ଏବଂ ୨୧

ଶରୀରର କାର୍ଯ୍ୟଗୁଡ଼ାକ ତ ସ୍ପଷ୍ଟରୂପେ ଜଣା—ବ୍ୟଭିଚାର, ଅଶୁଚିତା, କାମୁକତା, ଈର୍ଷା, ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମଗୁଡ଼ିକ ; ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହିସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେନାହିଁ ।

# ଆନ୍ତରିକତା ଯଥେଷ୍ଟ ନୁହେଁ

ମାର୍କ ୧୦ : ୧୭-୨୨

ସେ ପୁନର୍ବାର ଯାତ୍ରା ଆରମ୍ଭ କରିବା ସମୟରେ ଜଣେ ଦୌଡ଼ି ଆସି ତାହାଙ୍କ ସମ୍ମୁଖରେ ଜାନୁପାତି ତାହାଙ୍କୁ ପଚାରିଲେ, ହେ ସଦ୍‌ଗୁରୁ, ଅନନ୍ତ ଜୀବନର ଅଧିକାରୀ ହେବା ନିମନ୍ତେ ମୁଁ କଅଣ କରିବ ? ସେଥିରେ ଯୀଶୁ ତାହାଙ୍କୁ କହିଲେ, ମୋତେ ସତ୍ ବୋଲି କାହିଁକି କହୁଅଛ ? ଜଣକ ବିନା, ଅର୍ଥାତ୍ ଈଶ୍ୱରଙ୍କ ବିନା ଅନ୍ୟକେହି ସତ୍ ନୁହେଁ । ଆଜ୍ଞାଗୁଡ଼ିକ ତ ତୁମ୍ଭେ ଜାଣ, ନରହତ୍ୟା କରନାହିଁ, ବ୍ୟଭିଚାର କରନାହିଁ, ଚୋରି କରନାହିଁ, ମିଥ୍ୟା ସାକ୍ଷ୍ୟ ଦିଅନାହିଁ, ପ୍ରବଞ୍ଚନା କରନାହିଁ, ଆପଣା ପିତାମାତାଙ୍କୁ ସମାଦର କର । ସେ ତାହାଙ୍କୁ କହିଲେ, ହେ ଗୁରୁ, ଏହି ସମସ୍ତ ମୁଁ ଯୌବନ କାଳରୁ ପାଳନ କରି ଆସିଅଛି । ଯୀଶୁ ତାହାଙ୍କ ପ୍ରତି ଏକ ଦୃଷ୍ଟିରେ ଚାହିଁ

ତାହାଙ୍କୁ ସ୍ନେହ କଲେ, ଓ କହିଲେ, ତୁମ୍ଭର ଗୋଟିଏ ବିଷୟ ଊଣା ଅଛି, ତୁମ୍ଭେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ ; ପୁଣି ଆସି ମୋହର ଅନୁଗମନ କର । କିନ୍ତୁ ଏହି କଥାରେ ତାହାଙ୍କ ମୁଖ ମଳିନ ହୋଇଗଲା ଓ ସେ ଦୁଃଖିତ ହୋଇ ଚାଲିଗଲେ, କାରଣ ତାହାଙ୍କର ବହୁତ ସମ୍ପତ୍ତି ଥିଲା ।

## ପ୍ରତାରିତ ହୁଅ ନାହିଁ

୧୭

ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନକରୁ ; ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ, ଯେ ପାପ କରେ, ସେ ଶୟତାନଠାରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରି ଆସୁଅଛି । ୧ ଯୋହନ ୩ : ୭, ୮(କ)

## ପାପ ମୃତ୍ୟୁର କାରଣ

ଯିହିଜିକଲ ୧୮ : ୨୦

ଯେଉଁ ପ୍ରାଣୀ ପାପ କରେ ସେ ନିଶ୍ଚୟ ମରିବ ; ପୁତ୍ର ପିତାର ଅଧର୍ମର ଭାର ବହିବ ନାହିଁ କି ଅବା ପିତା ପୁତ୍ରର ଅଧର୍ମର ଭାର ବହିବ ନାହିଁ ; ଧାର୍ମିକର ଧାର୍ମିକତା ତାହାର ଉପରେ ବର୍ତ୍ତିବ, ଓ ଦୁଷ୍ଟର ଦୁଷ୍ଟତା ତାହାର ଉପରେ ବର୍ତ୍ତିବ ।

ଯାକୁବ ୧ : ୧୫

ତାହାପରେ କାମନା ଗର୍ଭଧାରଣ କରି ପାପ ପ୍ରସବ କରେ, ପୁଣି ପାପ ପୂର୍ଣ୍ଣ ମାତ୍ରାରେ ବୃଦ୍ଧିପାଇ ମୃତ୍ୟୁକୁ ଜନ୍ମ ଦିଏ ।

ହିତୋପଦେଶ ୧୧ : ୧୯

ଯେଉଁ ଲୋକ ଧାର୍ମିକତାରେ ଅଟଳ ଥାଏ, ସେ ଜୀବନ ପାଇବ ; କୁକର୍ମର ପଛରେ ଯେ ଧାଏଁ, ସେ ଆପଣା ମୃତ୍ୟୁ ଘଟାଏ ।

ପ୍ରକାଶିତ ବାକ୍ୟ ୧ : ୧୮

ଭୟ କର ନାହିଁ, ଆମ୍ଭେ ପ୍ରଥମ ଓ ଶେଷ, ପୁଣି ସ୍ୱୟଂଜୀବୀ ; ଆମ୍ଭେ ମୃତ ହେଲୁଁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଛୁଁ, ପୁଣି ଆମ୍ଭର ହସ୍ତରେ ମୃତ୍ୟୁ ଓ ପାତାଳର କଞ୍ଚି ଅଛି ।

ଯୋହନ ୧୦ : ୧୭-୧୮

ମୁଁ ମୋହର ପ୍ରାଣ ଦାନ କରିବାରୁ ପିତା ମୋତେ ପ୍ରେମ କରନ୍ତି, ଆଉ ମୁଁ ମୋହର ପ୍ରାଣ ପୁନର୍ବାର ଗ୍ରହଣ କରିବା ନିମନ୍ତେ ତାହା ଦାନ କରେଁ । କେହି ମୋଠାରୁ ତାହା ନେଇ ଯାଇ ନାହିଁ ମାତ୍ର ମୁଁ ତାହା ଆପେ ଦାନ କରେ । ତାହା ଦାନ କରିବାକୁ ମୋହର ଅଧିକାର ଅଛି ଓ ତାହା ପୁନର୍ବାର ଗ୍ରହଣ କରିବାକୁ ମୋହର ଅଧିକାର ଅଛି ।

## ଦ୍ୱିତୀୟ ବିବରଣ ୫ : ୭-୨୧

ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ । ତୁମ୍ଭେ ଆପଣା ନିମନ୍ତେ ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ ; ଉପରିସ୍ଥ ସ୍ୱର୍ଗରେ, କି ନିମ୍ନସ୍ଥ ପୃଥିବୀରେ, କି ପୃଥିବୀର ନିମ୍ନସ୍ଥ ଜଳରେ ଥିବା କୌଣସି ( ବସ୍ତୁର ) ପ୍ରତିମୂର୍ତ୍ତି ( ନିର୍ମାଣ କରିବ ନାହିଁ ) । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ ; କି ସେମାନଙ୍କର ସେବା କରିବ ନାହିଁ ;... ତୁମ୍ଭେ ମିଥ୍ୟାରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନାମ ନେବ ନାହିଁ, ଯେହେତୁ ଯେ କେହି ମିଥ୍ୟାରେ ତାହାଙ୍କ ନାମ ନେବେ ; ସଦାପ୍ରଭୁ ତାହାକୁ ନିରପରାଧ କରି ଗଣନା କରିବେ ନାହିଁ ।

ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଆଜ୍ଞାନୁସାରେ ବିଶ୍ରାମଦିନ

ପାଳନ କରି ପବିତ୍ର କର । ତୁମ୍ଭେ ଛଅଦିନ ପରିଶ୍ରମ ଓ ଆପଣାର ସବୁ କର୍ମ କରିବ ; ମାତ୍ର ସପ୍ତମ ଦିନ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ବିଶ୍ରାମ ଦିନ ଅଟେ ।

ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଆଜ୍ଞାନୁସାରେ ତୁମ୍ଭେ ଆପଣା ପିତାଙ୍କୁ ଓ ଆପଣା ମାତାଙ୍କୁ ସମ୍ଭ୍ରମ କର ; ତହିଁରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ଓ ମଙ୍ଗଳ ହେବ ।

ତୁମ୍ଭେ ନରହତ୍ୟା କରିବ ନାହିଁ ।

କିଅବା ତୁମ୍ଭେ ବ୍ୟଭିଚାର କରିବ ନାହିଁ ।

କିଅବା ତୁମ୍ଭେ ଚୋରି କରିବ ନାହିଁ ।

କିଅବା ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ

ନାହିଁ ।

କିଅବା ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟାକୁ ଲୋଭ କରିବ ନାହିଁ ; କିଅବା ତୁମ୍ଭେ ଆପଣା ପ୍ରତିବାସୀର ଗୃହ, କି ତାହାର କ୍ଷେତ୍ର, କି ତାହାର ଦାସ, କି ତାହାର ଦାସୀ, କି ତାହାର ଗୋରୁ, କି ତାହାର ଗର୍ଦ୍ଦଭ, କି ତୁମ୍ଭ ପ୍ରତିବାସୀର କୌଣସି ବସ୍ତୁକୁ ବାଞ୍ଛା କରିବ ନାହିଁ ।

## ୨୨ ତୁମ୍ଭେ ଈଶ୍ୱରଙ୍କ ଠାରୁ ଲୁଚି ରହି ପାରିବ ନାହିଁ

ସଦାପ୍ରଭୁଙ୍କ ଚକ୍ଷୁ ସର୍ବତ୍ର ଥାଇ ଅଧମ ଓ ଉତ୍ତମ ଲୋକଙ୍କୁ ନିରୀକ୍ଷଣ କରେ । ହିତୋପଦେଶ ୧୫ : ୩

ଲୂକ ୮ : ୧୭

କାରଣ ଯାହା ପ୍ରକାଶିତ ନ ହେବ, ଏପରି ଗୁପ୍ତ ବିଷୟ କିଛି ନାହିଁ; ଅବା ଯାହା ଜଣା ଯାଇ ପ୍ରକାଶ ନ ପାଇବ, ଏପରି ଗୁପ୍ତ ବିଷୟ କିଛି ନାହିଁ ।

ଏବ୍ରୀୟ ୯ : ୨୭

ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ ତାହାପରେ ବିଚାର ନିରୂପଣ ଅଛି ।

ରୋମୀୟ ୧୪ : ୧୨

ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ସମ୍ମୁଖରେ ନିଜ ନିଜର ହିସାବ ଦେବାକୁ ହେବ ।

ପ୍ରେରିତ ୧୭ : ୩୧

କାରଣ ଯେଉଁ ଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ, ଏହିପରି ଗୋଟିଏ ଦିନ ସ୍ଥିର କରି ଅଛନ୍ତି । ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍ଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି ।

୨ କରନ୍ଥୀୟ ୮ : ୯

କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭେମାନେ ଜାଣ, ତୁମ୍ଭେମାନେ ଯେପରି ତାହାଙ୍କ ଦରିଦ୍ରତା ଦ୍ୱାରା ଧନବାନ୍ ହୁଅ, ଏଥିପାଇଁ ସେ ଧନୀ ହେଲେହେଁ କିପରି ତୁମ୍ଭମାନଙ୍କ ନିମନ୍ତେ ଦରିଦ୍ର ହେଲେ ।

ରୋମୀୟ ୫ : ୧୫

କିନ୍ତୁ ଅପରାଧ ଯେପରି, ଅନୁଗ୍ରହ ଦାନମଧ୍ୟ ସେହିପରି, ତାହା ନୁହେଁ, କାରଣ ଯଦି ଜଣକର ଅପରାଧ ଦ୍ୱାରା ଅନେକେ ମୃତ୍ୟୁ ଭୋଗ କଲେ, ତାହା ହେଲେ ଈଶ୍ୱରଙ୍କ ଅନୁଗ୍ରହ ଓ ଜଣେ ମନୁଷ୍ୟଙ୍କ, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ଦତ୍ତ ଦାନ ଅନେକଙ୍କ ପ୍ରତି ଅଧିକ ପ୍ରଚୁର ହେଲା ।

ଲୂକ ୧୩ : ୩

ମୁଁ ତୁମ୍ଭମାନଙ୍କୁ କହୁଅଛି ନା, କିନ୍ତୁ ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।

ପ୍ରେରିତ ୩ : ୧୯

ଅତଏବ ଯେପରି ଆପଣମାନଙ୍କର ପାପମୋଚନ ହୋଇପାରେ, ଏଥିନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ, ତାହାହେଲେ ପ୍ରଭୁଙ୍କ ସମ୍ମୁଖରୁ ସାନ୍ତ୍ୱନାର ସମୟ ଉପସ୍ଥିତ ହେବ ।

୨ କରିନ୍ଥୀୟ ୭ : ୧୦

କାରଣ ଈଶ୍ୱରଙ୍କ ଇଚ୍ଛାନୁସାରେ ଯେଉଁ ଦୁଃଖ, ତାହା ପରିତ୍ରାଣ ନିମନ୍ତେ ଏପରି ମନ ପରିବର୍ତ୍ତନ ଜନ୍ମାଏ, ଯାହା ସକାଶେ ଅନୁତାପ କରିବାକୁ ପଡ଼େନାହିଁ ; ମାତ୍ର ସାଂସାରିକ ଦୁଃଖ ମୃତ୍ୟୁ ଜନ୍ମାଏ ।

ଯିଶାଇୟ ୫୫ : ୭

ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣାର ସଂକଳ୍ପ ପରିତ୍ୟାଗ କରୁ ; ପୁଣି ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ ; ଆଉ ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ କାରଣ ସେ ବହୁଳ ରୂପରେ କ୍ଷମା କରିବେ ।

ମାଥିଉ ୬ : ୧୪

କାରଣ ଯେବେ ଲୋକମାନଙ୍କର ଅପରାଧ ସବୁ କ୍ଷମା କର ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ ।

ଯୀଶୁ ସେମାନଙ୍କର ବିଶ୍ୱାସ ଦେଖି ସେହି ପକ୍ଷାଘାତି ରୋଗୀକି କହିଲେ, ବତ୍ସ, ତୁମ୍ଭର ପାପ ସବୁ କ୍ଷମା କରାଗଲା । ମାର୍କ ୨ : ୫

ଏଫିସୀୟ ୫ : ୧୧

ଅନ୍ଧକାରର ନିଷ୍ଫଳ କର୍ମସବୁର ସହଭାଗୀ ହୁଅନାହିଁ, ବରଂ ସେ ସବୁର ଦୋଷ ହିଁ ଦେଖାଇ ଦିଅ ।

କଲସୀୟ ୩ : ୨

ପାର୍ଥିବ ବିଷୟରେ ଆସକ୍ତ ନହୋଇ ଊର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ ହୁଅ ।

ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନକର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ ; କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ । ୧ମ ଯୋହନ ୨ : ୧୫, ୧୬

୧ ପିତର ୧ : ୨୩

ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ ।

ଯୋହନ ୩ : ୩

ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ପୁନର୍ବାର ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖିପାରେ ନାହିଁ ।

୧ ଯୋହନ ୫ : ୧୮

ଯେ କେହି ଈଶ୍ୱରଙ୍କ ଠାରୁ ଜାତ, ସେ ପାପ କରେ ନାହିଁ, ବରଂ ସେ ଈଶ୍ୱରଙ୍କ ଠାରୁ ଜାତ ହୋଇ ଆପଣାକୁ ରକ୍ଷା କରେ, ଆଉ ପାପାତ୍ମା ତାହାକୁ ସ୍ପର୍ଶ କରେ ନାହିଁ, ଏହା ଆମ୍ଭେମାନେ ଜାଣୁ ।

# ପାପ ପ୍ରତି ମୃତ—ଖ୍ରୀଷ୍ଟରେ ଉତ୍ଥାପିତ

ରୋମୀୟ ୬ : ୨, ୧୧

ପାପ ପ୍ରତି ମୃତ ଯେ ଆମ୍ଭେମାନେ, ସେଥିରେ କପରି ଜୀବନ କାଟିବା ? ... ସେହି ପ୍ରକାର ତୁମ୍ଭେମାନେ ମଧ୍ୟ ଆପଣା ଆପଣାକୁ ପାପପ୍ରତି ମୃତ, କିନ୍ତୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଥାଇ ଈଶ୍ୱରଙ୍କ ପ୍ରତି ଜୀବିତ ବୋଲି ଗଣନା କର ।

୧ ପିତର ୨ : ୨୪

ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁଁ, ଏଥିନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ ; ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ ।

ଯୋହନ ୫ : ୨୪

୨୪ ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ମୋହର ବାକ୍ୟ ଶୁଣି
ମୋହର ପ୍ରେରଣ କର୍ତ୍ତାଙ୍କୁ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ
ହୋଇଅଛି । ପୁଣି ସେ ବିଚାରିତ ନହୋଇ ବରଂ ମୃତ୍ୟୁରୁ ଅତିକ୍ରମ କରି
ଜୀବନରେ ପ୍ରବେଶ କରିଅଛି ।

ରୋମୀୟ ୬ : ୨୩

କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।

ଆଉ ଏକମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭକୁ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ । ଯୋହନ ୧୭ : ୩

# ପରିତ୍ରାଣର ନିଶ୍ଚିତ ଜ୍ଞାନ

୧ ଯୋହନ ୩ : ୧୮, ୧୯

ହେ ବତ୍ସଗଣ; ଆସ, ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନକରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମକରୁଁ । ତାହାକଲେ ଆମ୍ଭେମାନେ ଯେ ସତ୍ୟର ସନ୍ତାନ, ଏହା ଜାଣିବା ।

ପୁଣି ଧାର୍ମିକତାର କାର୍ଯ୍ୟ ଶାନ୍ତିମୟ ହେବ ; ଆଉ ଧାର୍ମିକତାର ଫଳ ନିତ୍ୟ ସୁସ୍ଥିରତା ଓ ନିର୍ଭୟତା ହେବ । ଯିଶାଇୟ ୩୨ : ୧୭

ଯେ ମୋହର ଆଜ୍ଞାସବୁ ଗ୍ରହଣକରି ପାଳନ କରେ ସେହି ତ ମୋତେ ପ୍ରେମ କରେ, ଆଉ ଯେ ମୋତେ ପ୍ରେମ କରେ, ମୋହର ପିତା ତାହାଙ୍କୁ ପ୍ରେମ କରିବେ, ପୁଣି ମୁଁ ତାହାକୁ ପ୍ରେମ କରିବି ଓ ତାହା ନିକଟରେ ଆପଣାକୁ ପ୍ରକାଶ କରିବି । ଯୋହନ ୧୪ : ୨୧

ଗାଲାତୀୟ ୨ : ୨୦

ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି ; ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋଠାରେ ଜୀବିତ ଅଛନ୍ତି ; ପୁଣି ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ-ଯାପନ କରୁଅଛି, ତାହା ବିଶ୍ୱାସରେ, ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମକରି ମୋ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କଠାରେ ବିଶ୍ୱାସ କରି ଯାପନ କରୁଅଛି ।

ଯିଶାଇୟ ୧୨ : ୩

ଏହେତୁ ତୁମ୍ଭେମାନେ ଆନନ୍ଦରେ ପରିତ୍ରାଣର କୂପସମୂହରୁ ଜଳ କାଢ଼ିବ ।

ଯୋହନ ୧୫ : ୧୧

ମୋହର ଆନନ୍ଦ ଯେପରି ତୁମ୍ଭମାନଙ୍କଠାରେ ଥାଏ ଆଉ ତୁମ୍ଭମାନଙ୍କର ଆଶା ଯେପରି ପୂର୍ଣ୍ଣ ହୁଏ, ଏଥିନିମନ୍ତେ ମୁଁ ଏସମସ୍ତ ତୁମ୍ଭମାନଙ୍କୁ କହିଲି ।

୧ ପ୍ରଥମ ଶାମୁଏଲ ୧୨ : ୧୫

ମାତ୍ର ଯେବେ ତୁମ୍ଭେମାନେ ସଦାପ୍ରଭୁଙ୍କର ରବ ନ ଶୁଣିବ, ଓ ସଦାପ୍ରଭୁଙ୍କ ଆଜ୍ଞାର ବିଦ୍ରୋହାଚରଣ କରିବ, ତେବେ ସଦାପ୍ରଭୁଙ୍କ ହସ୍ତ ଯେମନ୍ତ ତୁମ୍ଭମାନଙ୍କ ପୂର୍ବପୁରୁଷଗଣର ପ୍ରତିକୂଳରେ ଥିଲା, ତେମନ୍ତ ତୁମ୍ଭମାନଙ୍କ ପ୍ରତିକୂଳରେ ହେବ ।

ରୋମୀ ୬ : ୧୬

ମୃତ୍ୟୁଜନକ ପାପ କିମ୍ବା ଧାର୍ମିକତାଜନକ ଆଜ୍ଞାବହତା, ଏହା ମଧ୍ୟରୁ ଯାହା ନିକଟରେ ତୁମ୍ଭେମାନେ ଆଜ୍ଞାବହ ହେବାନିମନ୍ତେ ଆପଣା ଆପଣାକୁ ଦାସରୂପେ ସମର୍ପଣ କର, ଅର୍ଥାତ୍ ଯାହାର ଆଜ୍ଞା ପାଳନ କର, ତାହାର ଯେ ତୁମ୍ଭେମାନେ ଦାସ ଅଟ, ଏହା କଅଣ ଜାଣ ନାହିଁ ?

# ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବା ଆବଶ୍ୟକ

ଲୂକ ୯ : ୨୬

ଯେଣୁ ଯେ କେହି ମୋର ଓ ମୋହର ବାକ୍ୟ ବିଷୟରେ ଲଜ୍ଜାବୋଧ କରେ, ମନୁଷ୍ୟପୁତ୍ର ଯେତେବେଳେ ଆପଣାର ଓ ପିତାଙ୍କର ପୁଣି ପବିତ୍ର ଦୂତମାନଙ୍କର ମହିମାରେ ଆଗମନ କରିବେ, ସେତେବେଳେ ସେ ତାହା ବିଷୟରେ ଲଜ୍ଜାବୋଧ କରିବେ ।

ମାଥିଉ ୧୦ : ୩୨, ୩୩

ଆଉ ଯେ କେହି ଲୋକଙ୍କ ସାକ୍ଷାତରେ ମତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସମ୍ମୁଖରେ ତାହାକୁ ସ୍ୱୀକାର କରିବି, ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସମ୍ମୁଖରେ ତାହାକୁ ଅସ୍ୱୀକାର କରିବି ।

## ଶୟତାନ ଆମର ପ୍ରଧାନ ଶତ୍ରୁ

୧ ପିତର ୫ : ୮

ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜିବୁଲୁଛି ।

ମାଥିଉ ୪ : ୧, ୧୦, ୧୧

ସେତେବେଳେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବାନିମନ୍ତେ ଆତ୍ମାଙ୍କ କର୍ତ୍ତୃକ ପ୍ରାନ୍ତରକୁ ନୀତ ହେଲେ, ତହିଁରେ ଯୀଶୁ ତାହାକୁ କହିଲେ ଦୂର ହୁଅ, ଶୟତାନ, କାରଣ ଲେଖା ଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, କେବଳ ତାହାଙ୍କର ଉପାସନା କରିବ । ଏଥିରେ ଶୟତାନ ତାହାଙ୍କୁ ଛାଡ଼ି ଚାଲିଗଲା, ଆଉ ଦେଖ, ଦୂତମାନେ ଆସି, ତାହାଙ୍କର ସେବା କରିବାକୁ ଲାଗିଲେ ।

ଯାକୁବ ୪ : ୭, ୮ (କ)

ଅତଏବ ତୁମ୍ଭେମାନେ ଈଶ୍ବରଙ୍କର ବଶୀଭୂତ ହୁଅ ; ଶୟତାନକୁ ପ୍ରତିବାଧା କର, ତାହା ହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ । ଈଶ୍ବରଙ୍କ ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।

୧ ଯୋହନ ୩ : ୮

ଯେ ପାପ କରେ, ସେ ଶୟତାନରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରି ଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେହିଁ ଈଶ୍ବରଙ୍କ ପୁତ୍ର ପ୍ରକାଶିତ ହେଲେ ।

# ପ୍ରେମ ଶିଷ୍ୟତ୍ୱର ପରିଚାୟକ

୧ ଯୋହନ ୪ : ୨୦

ଈଶ୍ବରଙ୍କୁ ପ୍ରେମ କରୁଅଛି ବୋଲି କହି ଯଦି କେହି ଆପଣା ଭାଇକୁ ଘୃଣା କରେ, ତାହା ହେଲେ ସେ ମିଥ୍ୟାବାଦୀ, ଯେଣୁ ଯେଉଁ ଭାଇକୁ ଦେଖିଅଛି, ଯଦି ତାହାକୁ କେହି ପ୍ରେମ ନକରେ, ତାହାହେଲେ ଯେଉଁ ଈଶ୍ବରଙ୍କୁ ସେ ଦେଖିନାହିଁ, ତାହାଙ୍କୁ ପ୍ରେମ କରିପାରେ ନାହିଁ ।

ଗାଲାତୀୟ ୫ : ୨୨, ୨୩(କ)

କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମ ସଂଯମ ।

ଯୋହନ ୧୩ : ୩୫

ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ, ଏହା ସମସ୍ତେ ତଦ୍ୱାରା ଜ୍ଞାତ ହେବେ ।

ଯୋହନ ୨୦ : ୨୬-୨୮

ଆଠଦିନ ପରେ ତାହାଙ୍କ ଶିଷ୍ୟମାନେ ପୁନର୍ବାର ଭିତରେ ଥିଲେ, ଓ ଥୋମା ସେମାନଙ୍କ ସାଙ୍ଗରେ ଥିଲେ । ଦ୍ୱାରସବୁ ରୁଦ୍ଧ ଥିବା ସମୟରେ ଯୀଶୁ ଆସି ମଧ୍ୟସ୍ଥଳରେ ଠିଆ ହୋଇ କହିଲେ, ତୁମ୍ଭମାନଙ୍କର ଶାନ୍ତି ହେଉ ପରେ ସେ ଥୋମାଙ୍କୁ କହିଲେ, ଏ ଆଡ଼େ ତୁମ୍ଭର ଆଙ୍ଗୁଳି ବଢ଼ାଇ ମୋହର ହାତ ଦେଖ ଓ ହାତ ବଢ଼ାଇ ମୋହର କକ୍ଷ ଦେଶରେ ଦିଅ ; ଅବିଶ୍ୱାସୀ ନ ହୋଇ ବିଶ୍ୱାସୀ ହୁଅ । ଥୋମା ତାହାଙ୍କୁ ଉତ୍ତର ଦେଲେ, ମୋହର ପ୍ରଭୁ, ମୋହର ଈଶ୍ୱର ।

ସପ୍ତାହର ପ୍ରଥମ ଦିବସ ପ୍ରତ୍ୟୁଷରେ ସେ ପୁନରୁତ୍ଥାନ କରି ଯାହାଙ୍କଠାରୁ ସାତ ଭୂତ ଛଡ଼ାଇ ଥିଲେ, ସେହି ମଗ୍‌ଦଲୀନୀ ମରିୟମଙ୍କୁ ପ୍ରଥମରେ ଦର୍ଶନ ଦେଲେ । ମାର୍କ ୧୬ : ୯

# ପୁନରୁତ୍‌ଥାନ ଆମର ଗୌରବମୟ ଭରସା

ରୋମୀୟ ୬ : ୩-୫

ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁଁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁଁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।

ଯୋହନ ୬ : ୪୦

କାରଣ ଯେକେହି ପୁତ୍ରଙ୍କୁ ଦର୍ଶନ କରି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେପରି ଅନନ୍ତ ଜୀବନ ପ୍ରାପ୍ତ ହୁଏ, ଏହା ହିଁ ମୋହର ପିତାଙ୍କର ଇଚ୍ଛା ; ଆଉ ମୁଁ ତାହାକୁ ଶେଷ ଦିନରେ ଉତ୍ଥାପନ କରିବି ।

ଲୂକ ୧ : ୭୪, ୭୫

ପୁଣି ଯେପରି ଶତ୍ରୁ ହସ୍ତରୁ ଉଦ୍ଧାର ପାଇଁ ନିର୍ଭୟରେ ଯାବଜ୍ଜୀବନ ତାହାଙ୍କ ସମ୍ମୁଖରେ ସାଧୁତା ଓ ଧାର୍ମିକତାରେ ତାହାଙ୍କର ଉପାସନା କରିବା ନିମନ୍ତେ ଆମ୍ଭମାନଙ୍କୁ ଅନୁଗ୍ରହ କରନ୍ତ।

୧ ପିତର ୧ : ୧୫

ମାତ୍ର ତୁମ୍ଭମାନଙ୍କର ଆହ୍ୱାନ କର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ମଧ୍ୟ ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ।

ଏବ୍ରୀ ୧୩ : ୧୨

ଏଥି ସକାଶେ ଯୀଶୁ ମଧ୍ୟ ଆପଣା ରକ୍ତ ଦ୍ୱାରା ଯେପରି ଲୋକଙ୍କୁ ପବିତ୍ର କରନ୍ତୁ, ଏଥିପାଇଁ ନଗରଦ୍ୱାରର ବାହାରେ ମୃତ୍ୟୁଭୋଗ କଲେ।

ଲୂକ ୧୧ : ୧୩

ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ହେଁ ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନକରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମାଦେବେ ।

ପ୍ରେରିତ ୧୩ : ୫୨

ଆଉ ଶିଷ୍ୟମାନେ ଆନନ୍ଦରେ ଓ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାକୁ ଲାଗିଲେ ।

ପ୍ରେରିତ ୧ : ୮ (କ)

କିନ୍ତୁ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ ତୁମ୍ଭେମାନେ ଶକ୍ତିପ୍ରାପ୍ତ ହୋଇ…ମୋହର ସାକ୍ଷୀ ହେବ ।

ଗୀତସଂହିତା ୩୪ : ୧୮

ସଦାପ୍ରଭୁ ଭଗ୍ନାନ୍ତଃକରଣମାନଙ୍କର ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନାମାନଙ୍କୁ ତ୍ରାଣ କରନ୍ତି ।

୧ ପିତର ୪ : ୧୨, ୧୩

ହେ ପ୍ରିୟମାନେ, ତୁମ୍ଭମାନଙ୍କ ପରୀକ୍ଷା ନିମନ୍ତେ ଯେଉଁ ଦୁଃଖ ଭୋଗ ରୂପ ଅଗ୍ନି ଉପସ୍ଥିତ ହେଉଅଛି, ତାହା ଅଦ୍ଭୁତ ଘଟଣା ବୋଲି ମନେ କରି ଆଶ୍ଚର୍ଯ୍ୟ ଜ୍ଞାନ କରନାହିଁ ; ବରଂ ଯେଉଁ ପରିମାଣରେ ଖ୍ରୀଷ୍ଟଙ୍କ ଦୁଃଖ ଭୋଗର ସହଭାଗୀ ହେଉଅଛ, ସେହି ପରିମାଣରେ ଆନନ୍ଦ କର, ଯେପରି ତାହାଙ୍କ ମହିମା ପ୍ରକାଶିତ ହେବା ସମୟରେ ମଧ୍ୟ ତୁମ୍ଭେମାନେ ମହା ଆନନ୍ଦରେ ଆନନ୍ଦିତ ହେବ ।

## ରୋମୀୟ ୧୬ : ୨୦

ଆଉ ଶାନ୍ତିଦାତା ଈଶ୍ୱର ଶୟତାନକୁ ଶୀଘ୍ର ତୁମ୍ଭମାନଙ୍କ ପାଦତଳେ ଦଳିପକାଇବେ । ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ତୁମ୍ଭମାନଙ୍କ ସହବର୍ତ୍ତୀ ହେଉ ।

## ୧ କରିନ୍ଥୀୟ ୧୦ : ୧୩

ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱଭାବିକ, ତାହା ଛଡ଼ା ଅନ୍ୟପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟିନାହିଁ ; କିନ୍ତୁ ଈଶ୍ୱର ବିଶ୍ୱାସ୍ୟ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ ; ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରିପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେସଙ୍ଗେ ସେ ଉଦ୍ଧାରର ପଥମଧ୍ୟ ପ୍ରସ୍ତୁତ କରିବେ ।

ପ୍ରକାଶିତ ବାକ୍ୟ ୩ : ୫

ଯେ ଜୟ କରେ, ସେ ଏହି ପ୍ରକାରେ ଶୁକ୍ଳବସ୍ତ୍ର ପରିହିତ ହେବ, ଆଉ, ଆମ୍ଭେ ଜୀବନ ପୁସ୍ତକରୁ ତାହାର ନାମ କୌଣସି ପ୍ରକାରେ ଲୋପ ନକରି ଆମ୍ଭର ପିତା ଓ ତାହାଙ୍କ ଦୂତମାନଙ୍କ ସମ୍ମୁଖରେ ତାହାର ନାମ ସ୍ୱୀକାର କରିବୁଁ ।

ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ କରିବୁଁ, ସେ ଆଉ ସେଠାରୁ ବାହାରକୁ ଯିବ ନାହିଁ ; ଆମ୍ଭେ ଆମ୍ଭର ଈଶ୍ୱରଙ୍କ ନାମ ଓ ସ୍ୱର୍ଗରୁ ତାହାଙ୍କଠାରୁ ଆଗତ ଯେଉଁ ନୂତନ ଯିରୁଶାଲମ, ଆମ୍ଭର ଈଶ୍ୱରଙ୍କର ସେହି ନଗରୀର ନାମ ପୁଣି ଆମ୍ଭ ନିଜର ନୂତନ ନାମ ତାହା ଉପରେ ଲେଖିବୁଁ । ପ୍ରକାଶିତ ବାକ୍ୟ ୩ : ୧୨

ଲୂକ ୧୬ : ୧୮

ଯେ କେହି ଆପଣା ସ୍ତ୍ରୀକି ପରିତ୍ୟାଗ କରି ଅନ୍ୟକୁ ବିବାହ କରେ, ସେ ବ୍ୟଭିଚାର କରେ ; ପୁଣି ଯେ ସ୍ୱାମୀଦ୍ୱାରା ପରିତ୍ୟକ୍ତା ସ୍ତ୍ରୀକି ବିବାହ କରେ, ସେ ବ୍ୟଭିଚାର କରେ ।

ରୋମୀୟ ୭ : ୨, ୩

ସ୍ୱାମୀ ଯେ ପର୍ଯ୍ୟନ୍ତ ଜୀବିତ ଥାଏ, ସେ ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାମୀ ସହିତ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ଥାଏ, କିନ୍ତୁ ସ୍ୱାମୀ ମରିଗଲେ ସ୍ତ୍ରୀ ସ୍ୱାମୀର ବ୍ୟବସ୍ଥାରୁ ମୁକ୍ତ ହୁଏ । ଅତଏବ ସ୍ୱାମୀ ବଞ୍ଚିଥାଉଁ ଥାଉଁ ସ୍ତ୍ରୀ ଯଦି ଅନ୍ୟ ପୁରୁଷ ସହିତ ସଂଯୁକ୍ତ ହୁଏ, ତାହାହେଲେ ତାହାକୁ ବ୍ୟଭିଚାରିଣୀ ବୋଲି କୁହାଯିବ ; କିନ୍ତୁ ଯଦି ସ୍ୱାମୀ ମରିଯାଏ, ତେବେ ସ୍ତ୍ରୀ ବ୍ୟବସ୍ଥାରୁ ମୁକ୍ତ ହୁଏ, ଆଉ ଯଦି ସେ ଅନ୍ୟ ପୁରୁଷ ସହିତ ସଂଯୁକ୍ତ ହୁଏ, ତାହାହେଲେ ସେ ବ୍ୟଭିଚାରିଣୀ ହୁଏ ନାହିଁ ।

ପ୍ରକାଶିତ ବାକ୍ୟ ୩ : ୧୧

ଆମ୍ଭେ ଶୀଘ୍ର ଆସୁଅଛୁଁ ; ତୁମ୍ଭର ମୁକୁଟକୁ ଯେପରି କେହି ହରଣ କରି ନ ନିଏ, ଏଥିନିମନ୍ତେ ତୁମ୍ଭର ଯାହା ଅଛି, ତାହା ଦୃଢ଼ ରୂପେ ଧରି ରଖ ।

ମାଥିଉ ୨୪ : ୨୭

କାରଣ ବିଜୁଳି ଯେପରି ପୂର୍ବ ଦିଗରୁ ମାରି ପଶ୍ଚିମ ଦିଗ ପର୍ଯ୍ୟନ୍ତ ଦେଖାଯାଏ, ସେପରି ମନୁଷ୍ୟ ପୁତ୍ରଙ୍କର ଆଗମନ ହେବ ।

ଯୋହନ ୧୪ : ୩

ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ ତୁମ୍ଭେମାନେ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ନେଇଯିବି ।

# ଯୀଶୁଙ୍କର ଦ୍ୱିତୀୟ ଆଗମନ

୧ ଯୋହନ ୩ : ୨

ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁଁ, ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ ହେବା, କାରଣ ସେ ଯେପରି ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା ।

ଲୂକ ୧୨ : ୪୦

ତୁମ୍ଭେମାନେ ମଧ୍ୟ ପ୍ରସ୍ତୁତ ହୋଇଥାଅ କାରଣ ଯେଉଁ ଦଣ୍ଡରେ ତୁମ୍ଭେମାନେ ମନେ କରୁ ନଥିବ ସେହି ଦଣ୍ଡରେ ମନୁଷ୍ୟ ପୁତ୍ର ଆସିବେ ।

# ଈଶ୍ବରଙ୍କ ବାକ୍ୟ

୨ ତୀମଥି ୩ : ୧୬

ସମସ୍ତ ଶାସ୍ତ୍ର ଈଶ୍ବର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ।

ଗୀତସଂହିତା ୧୧୯ : ୧୧

ମୁଁ ଯେମନ୍ତ ତୁମ୍ଭ ବିରୁଦ୍ଧରେ ପାପ ନ କରେଁ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।

ଗୀତସଂହିତା ୧୧୯ : ୧୦୫

ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ, ଓ ମୋ ପଥପାଇଁ ଆଲୁଅ ଅଟେ ।

ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟ ସମୂହ କଦାପି ଲୋପ ପାଇବ ନାହିଁ । ଲୂକ ୨୧ : ୩୩

ମୁଁ **"ଉର୍ଦ୍ଧ୍ବରୁ ସାହାଯ୍ୟ"** ନାମକ ପୁସ୍ତିକା ଟି ଅଧ୍ୟୟନ କରିଅଛି ।
ଏବଂ ମୁଁ ଡାକଯୋଗେ **ମାଗଣାରେ** ଆପଣଙ୍କର ବାଇବଲ ଅଧ୍ୟୟନ
କୋର୍ସ ________________ ଭାଷାରେ କରିବାକୁ ଚାହେଁ ।

★ ନାମ ________________________________

★ ଠିକଣା ________________________________

________________________________

★ ପେଶା ________________ ପିନ କୋଡ ________________

★ ବୟସ ________________________________

ଏହି କୁପନଟି ନିମ୍ନଲିଖିତ ଠିକଣାରେ ପଠାନ୍ତୁ —

**Jivan Jyoti India, Post Box 27, Cuttack 753 001. Orissa.**

**64**
**Oriya**

23M Orissa Bihar W Bengal ORY